To ensure your copy call 9861954260
www.thesakala.com
twitter.com/thesakala
facebook.com/sakala
thesakal0@gmail.com,thesakala@hotmail.com

ସକାଳ
THE SAKALA
ପ୍ରତିଷ୍ଠାତା: ହୃଦାନନ୍ଦ ମଲ୍ଲିକ

R.N.I. No.-42041/83 Vol-16, Issue No.110, ଭଦ୍ରକ, ସୋମବାର, ୧୫, ଅକ୍ଟୋବର ୨୦୧୮ ■ Bhadrak, Monday, 15 October 2018 Rs. 2.00 Pages-8

ଯୌନ ଶୋଷଣ ଅଭିଯୋଗ ମିଥ୍ୟା, ନେବି ଆଇନଗତ କାର୍ଯ୍ୟାନୁଷ୍ଠାନ : ଏମ.ଜେ. ଆକବର

ସୀମାରେ ଏନକାଉଣ୍ଟର, ଜଣେ ମାଓବାଦୀ ନିହତ

ମାଲକାନଗିରି,୧୪।୧୦ (ସକାଳ ଖବର): ମାଲକାନଗିରି ସୀମାନ୍ତ ଛତିଶଗଡ ଜିଲ୍ଲା ବିଜାପୁରରେ ପୋଲିସ ଓ ମାଓବାଦୀଙ୍କ ମଧ୍ୟରେ ଗୁଳି ବିନିମୟ ହୋଇଛି । ପୋଲିସ ଗୁଳିରେ ଜଣେ ମାଓବାଦୀର ମୃତ୍ୟୁ ହୋଇଥିବାବେଳେ ଅନ୍ୟ ଜଣେ ଗୁରୁତର ହୋଇଛନ୍ତି । ମାଓବାଦୀଙ୍କ ପାଲଟା ଆକ୍ରମଣରେ ଜଣେ ଯବାନ ଆହତ ହୋଇଥିବା ସୂଚନା ମିଳିଛି । ସୂଚନାନୁସାରେ, ଆଜି ବିଜାପୁର ଚୋରପାଲ ସାପ୍ତାହିକ ହାଟରେ ଗୁଳି ବିନିମୟ ହୋଇଥିଲା । କମ୍ବିଂ ଅପରେସନ ସମୟରେ ପ୍ରଥମେ ମାଓବାଦୀମାନେ ପୋଲିସକୁ ଦେଖି ଗୁଳି ଚାଳନା କରିଥିଲେ । ପରେ ଯବାନ ମାନେ ପୋଜିସନ ନେଇ ଏହାର ଜବାବ ଦେଇଥିଲେ । ଏଥିରେ ଜଣେ ମାଓବାଦୀଙ୍କର ମୃତ୍ୟୁ ହୋଇଛି ଓ ଅନ୍ୟ ଜଣେ ମାଓବାଦୀ ଗୁରୁତର ହୋଇଥିବା ଜଣାପଡିଛି । ଏହି ସମୟରେ ମାଓବାଦୀମାନେ **(ପୃଷ୍ଠା-୭)**

ନିର୍ମାଣଧିନ ପୋଲ ସେଣ୍ଟ୍ରିଂ ଭୁଶୁଡ଼ିଲା

୨୪ ଆହତ, ୬ଗୁରୁତର

ରାଉରକେଲା,୧୪।୧୦ (ସକାଳ ଖବର): ସୁନ୍ଦରଗଡ ଜିଲ୍ଲା ବଣେଇ ଉପଖଣ୍ଡର କୁଂଚିପାଣି ଠାରେ ଶହ ଶହ କୋଟି ଟଙ୍କା ବ୍ୟୟରେ ନିର୍ମାଣଧୀନ ଏକ ପୋଲର ସେଂଟ୍ରି କାମ ଚାଲୁଥିବା ବେଳେ ସେଟ୍ରିଂ ଭୁଷୁଡି ପଡିବାରୁ ଘଟଣା ସ୍ଥଳରେ ୨୪ ଜନ ଆହତ ହେବା ସହ ୬ଜଣ ଗୁରୁତର ହୋଇଛନ୍ତି । ଆହତ ମାନଙ୍କୁ ବଣେଇ ଡାକ୍ତରଖାନାରେ ସେବା କରାଯାଇଥିବା ବେଳେ ଗୁରୁତରଙ୍କୁ ରାଉରକେଲା ଆର ଜି ଏଚ କୁ ପଠାଯାଇଛି । ଦିନ ପ୍ରାୟ ୨ଟା ବେଳେ ହଠାତ ସେଟ୍ରିଂ ଟି ଭଷୁଡି ପଡିବାରୁ ଉପରେ କାମ କରୁଥିବା ଶ୍ରମିକ ମାନେ ତଳେ ପଡି କ୍ଷତିଗ୍ରସ୍ଥ ହୋଇଥିଲେ । ଭାଗ୍ୟ ବସତ ସେଠାରେ ଥିବା ମେସିନଟି ରକ୍ଷା ପାଇ ଥିବାରୁ ଅନେକ ବଡ ଦୁର୍ଘଟଣାରୁ ଶ୍ରମିକ ମାନେ ରକ୍ଷା ପାଇଛନ୍ତି ।ପ୍ରାଥମିକ ସେବା ପରେ ଅନ୍ୟମାନଙ୍କୁ ଛାଡିଦିଆ ଯାଇଥିବା ବେଳେ ବର୍ତମାନ ୧୦ ଜଣ ବଣେଇ ଦାକ୍ତରଖାନାରେ ଚିକିତ୍ସା ହେଉଛନ୍ତି ଓ ୬ଜଣ ରାଉରକେଲାରେ ଚିକିତ୍ସା ହେଉଛନ୍ତି । ରାଜ୍ୟ ସରକାରଙ୍କ ଆର ଡି ବିଭାଗ ଅଧୀନରେ କଲିକତାର ଏନ ବି ସି ସି ନାମକ କଂପାନୀ ଏହି କାମ ନେଇ ସମସ୍ତ ପିଲର ଠିଆ କରିଥିବା ବେଳେ ସ୍ଲାବ ପଡିବା ଲାଗି ସେଟ୍ରିଂ ହେଉଥିଲା । ଆଜି ରବିବାର ହୋଇଥିବାବେଳେ ସେଠାରେ କୌଣସି ଇଂଜିନିୟର ନଥାଇ କାମ ଚାଲିଥିବାରୁ ଏଭଳି ଅଘଟଣ ହେଲା ବୋଲି ଆଭିଯୋଗ ହେଉଛି । ଲହୁଣି ପଡା ରୁ ଜାମଡିହି ଯିବା ଲାଗି ପିଏମଜିଏସୱାଇ ଯୋଜନାରେ ଏହିପୋଲର ନିର୍ମାଣ ହେଉଥିଲା । ସଂପୃକ୍ତ କଂପାନୀ ସିଧାସଳଖ କାମ ପାଇଛି ତାର ନିଜସ୍ୱ ଇଂଜିନିୟର ମାନଂକ ତତ୍ୱାବଧାନରେ କାମ ସାରିବା ପରେ ଆର. ଡି ବିବାଗ ମୁଖ୍ୟ ଯଂତ୍ରୀ ଙ୍କ ଠାରୁ ବିଲ ପାଇବାର ବ୍ୟବସ୍ଥା ରହିଛି । ଖବରରୁ ଜଣାପଡିଛି ସୁନ୍ଦରଗଡ ଅଂଚଳରେ ଏହି କଂପାନୀର କାମବେଳେ ଏଭଳି ନାନା ଅଘଟଣା ଘଟିଥିବା ନେଇ ନାନା ଆଭିଯୋଗ ହୋଇଥିଲା ଆଜିର ଅଘଟଣ ପରେ ବିଭାଗୀୟ ଅଧିକାରୀମାନେ କୌଣସି ଉତର ଦେଇ ନଥିବାବେଳେ ରାଉରକେଲା ଆର ଡି ବିଭାଗ ଅଧୀକାରୀ ମାନେ ଘଟଣା ସ୍ଥଳ ପରିଦର୍ଶନ କରିଛନ୍ତି ।

ପାରିକର ଗୁରୁତର

ଦିଲ୍ଲୀ ଏମ୍ସରୁ ଗୋଆ ସ୍ଥାନାନ୍ତର

ପାନାଜୀ, ୧୪।୧୦ : ଦୀର୍ଘ ଦିନ ହେଲାଣି ଗୋଆ ମୁଖ୍ୟମନ୍ତ୍ରୀ ମନୋହର ପାରିକର ଅସୁସ୍ଥ ଅଛନ୍ତି । ଅସୁସ୍ଥତା କାରଣରୁ ତାଙ୍କୁ ଦିଲ୍ଲୀ ଏମ୍‌ସରେ ଚିକିତ୍ସା କରାଯାଉଛି । ମିଳିଥିବା ସୂଚନା ଅନୁସାରେ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥା ବର୍ତ୍ତମାନ ସମୟରେ ଗମ୍ଭୀର ରହିଛି । ଅନେକ ଦିନ ହେଲାଣି ସେ ସ୍ୱତନ୍ତ୍ର ଡାକ୍ତରୀଦଳର ଚିକିତ୍ସାରେ ରହିଛନ୍ତି । ତେବେ ଆଜି ସକାଳୁ ପାରିକରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଗମ୍ଭୀର ହୋଇପଡ଼ିଛି । ତେଣୁ ତାଙ୍କୁ ଆଇସିୟୁରେ ଭର୍ତ୍ତି କରାଯାଇଛି । ଏହାପରେ ପାରିକରଙ୍କୁ ଗୋଆ ସ୍ଥାନାନ୍ତର କରାଯାଇଛି ଏୟାର ଆମ୍ବୁଲାନ୍‌ସରେ । ପ୍ରଥମେ ଆମେରିକାରେ ତାଙ୍କର ଚିକିତ୍ସା କରାଯାଇଥିବା ବେଳେ ପରେ ସେପ୍ଟେମ୍ବର ୧୫ରେ ତାଙ୍କୁ ଦିଲ୍ଲୀର ଏମ୍‌ସରେ ଭର୍ତ୍ତି କରାଯାଇଥିଲା । ତେବେ ମନୋହର ମେଡିକାଲରେ ଥିବା ବେଳେ ମଧ୍ୟ ମୁଖ୍ୟମନ୍ତ୍ରୀଙ୍କ କାମ ତୁଲାଇ ଆସିଥିଲେ । ଆଜି ସକାଳୁ ତାଙ୍କର ସ୍ୱାସ୍ଥ୍ୟ ଅବସ୍ଥାରେ ଅବନତି ହେଉଥିବା ସୂଚନା ମିଳିଛି ଯୁବ କଂଗ୍ରେସର ବରିଷ୍ଠ ନେତା ମନୋହରଙ୍କୁ ଭେଟିବା ସହ ତାଙ୍କର ଆଶୁଆରୋଗ୍ୟ କାମନା କରିଥିବା ଜଣାପଡିଛି । ସେପଟେ ପାରିକରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ପ୍ରଧାନମନ୍ତ୍ରୀ ଅବଗତ ରହିଥିବା ମଧ୍ୟ ଜଣାପଡିଛି । ପାରିକରଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ ଖବର **(ପୃଷ୍ଠା-୭)**

ମର୍ମନ୍ତୁଦ ଦୁର୍ଘଟଣା

ଗୋଟିଏ ପରିବାରର ଚାଲିଗଲା ୯ ଜୀବନ

ରାୟପୁର, ୧୪।୧୦: ଛତିଶଗଡ଼ରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ଗୋଟିଏ ପରିବାରର ୯ଜଣଙ୍କ ମୃତ୍ୟୁ ଘଟିଛି । ରାୟପୁର ଠାରୁ ୭୦ କି.ମି. ଦୂରରେ ରାଜ୍‌ନାନ୍ଦଗାଓଁ ନିକଟରେ ଆଜି ସକାଳେ ଏହି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି । ମୃତକମାନେ ଗୋଟିଏ ପରିବାରର ସଦସ୍ୟ ବୋଲି ଜଣାପଡ଼ିଛି । ଏକ ବୋଲେରୋରେ ଡଙ୍ଗରଗ ସ୍ଥିତ ଏକ ମନ୍ଦିରରେ ଭଗବାନଙ୍କ ଦର୍ଶନ ସାରି ଫେରୁଥିବା ବେଳେ ଟ୍ରକ୍‌କୁ ଧକ୍କା ଦେବା ଯୋଗୁ ଏହି ଦୁର୍ଘଟଣା ଘଟିଥିଲା । ରାଜ୍‌ନାନ୍ଦଗାଓଁ-ଡରଗ ରାସ୍ତାରେ ଏହି ଦୁର୍ଘଟଣା ଘଟିଛି । ବୋଲେରୋ ଡ୍ରାଇଭର ଅନ୍ୟ ଏକ ଗାଡ଼ିକୁ ଓଭରଟେକ୍ କରିବା ପାଇଁ ପ୍ରୟାସ କରୁଥିଲେ । **(ପୃଷ୍ଠା-୭)**

ଟିମ୍ ଇଣ୍ଡିଆର ସିରିଜ୍ କବ୍‌ଜା

ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜ୍‌କୁ ୧୦ ୱିକେଟ୍‌ରେ ପରାସ୍ତ କଲା

ପୃଥ୍ୱୀ ଶୋ ମ୍ୟାନ ଅଫ୍ ଦ ସିରିଜ

ହାଇଦ୍ରାବାଦ, ୧୪।୧୦: ପ୍ରଥମ ଟେଷ୍ଟରେ ଇନିଂସ ବିଜୟ ସହ ଦ୍ୱିତୀୟ ଟେଷ୍ଟରେ ବି କମାଲ ଦେଖାଇଛି ଟିମ୍ ଇଣ୍ଡିଆ । ଦ୍ୱିତୀୟ ଟେଷ୍ଟରେ ୱେଷ୍ଟଇଣ୍ଡିଜକୁ ୧୦ ୱିକେଟରେ ମାତ୍ ଦେଇ ସିରିଜ ହାତେଇଲା ଟିମ୍ ଇଣ୍ଡିଆ । ହାଇଦ୍ରାବାଦର ରାଜୀବ ଗାନ୍ଧି ଇଣ୍ଟନ୍ୟାସନାଲ ଷ୍ଟାଡିୟମରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଦମଦାର ବିଜୟ ହାସଲ କରିଛି ବିରାଟ ବାହିନୀ । ମାତ୍ର ତିନି ଦିନରେ କାରବିଆନ ଖେଳାଳିଙ୍କୁ ଧରାଶାୟୀ କରି ୨-୦ରେ ସିରିଜ ନିଜ ନାଁରେ କରିଛି ଟିମ୍ ଇଣ୍ଡିଆ । ହାଇଦ୍ରାବାଦରେ ଖେଳାଯାଇଥିବା ଦ୍ୱିତୀୟ ଟେଷ୍ଟ ମ୍ୟାଚରେ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା ୱେଷ୍ଟଇଣ୍ଡିଜ । ତେବେ ପ୍ରଥମ ଇନିଂସରେ ମାତ୍ର ୩୧୧ ରନରେ ସମସ୍ତ ୱିକେଟ ହରାଇଥିଲା ୱେଷ୍ଟଇଣ୍ଡିଜ ଟିମ୍ । ଉମେଶ ଯାଦବଙ୍କ ଶାଣିତ ବୋଲିଂ ଆଗରେ ଧରାଶାୟୀ ହୋଇଥିଲା ୱେଷ୍ଟଇଣ୍ଡିଜର ପୂରା ଟିମ୍ । ଉମେଶ ୬ ୱିକେଟ ନେବା ସହ ୱେଷ୍ଟଇଣ୍ଡିଜର ବ୍ୟାଟିଂ ମେରୁଦଣ୍ଡକୁ ଭାଙ୍ଗି ଦେଇଥିଲେ । ସେହିଭଳି ଭାରତ ମଧ୍ୟ ଭଲ ଆରମ୍ଭ ପାଇବା ସତ୍ତ୍ୱେ ମଧ୍ୟ ପ୍ରଥମ ଇନିଂସରେ ୩୬୭ ରନ କରିବା ସହ ୫୬ ରନର ଅଗ୍ରଣୀ ହାସଲ କରିଥିଲା । ଭାରତ ପକ୍ଷରୁ ଋଷଭ ପନ୍ତ ସର୍ବାଧିକ ୯୨, ଆଜିଙ୍କ୍ୟ ରାହାଣେ ୮୦ ଓ ପୃଥ୍ୱୀ ଶୋ ଙ୍କ ୭୦ ରନ କରିଥିଲେ । ୫୬ ରନ ପଛୁଆ ରହି ଦ୍ୱିତୀୟ ଇନିଂସ ଆରମ୍ଭ କରିଥିବା ୱେଷ୍ଟଇଣ୍ଡିଜ ଟିମ ମାତ୍ର ୧୨୭ ରନରେ ଅଲଆଉଟ ହୋଇଥିଲା । ପ୍ରଥମ ଇନିଂସ ଭଳି ଦ୍ୱିତୀୟ ଇନିଂସରେ ମଧ ଘାତକ ବୋଲିଂ କରିଥିଲେ ଉମେଶ । ଦ୍ୱିତୀୟ ଇନିଂସରେ ୪ ୱିକେଟ ନେବା ସହ ପୂରା ମ୍ୟାଚରେ ୧୦ ୱିକେଟ ହାସଲ କରିଥିଲେ ଉମେଶ । ସେହିଭଳି ଜାଡେଜା ୩ଟି, ଅଶ୍ୱିନୀ ୨ଟି ଓ କୁଳଦୀପ ଯାଦବ **(ପୃଷ୍ଠା-୭)**

ପୁରୀ ହିଂସାକାଣ୍ଡରେ ଆଉ୨ ଗିରଫ

ଭୁବନେଶ୍ୱର,୧୪।୧୦ (ସକାଳ ଖବର): ଧାଡ଼ି ଦର୍ଶନ ନେଇ ପୁରୀରେ ଘଟିଥିବା ଅଘଟଣରେ ପୋଲିସ ଆଉ ଦୁଇ ଜଣଙ୍କୁ ଗିରଫ କରିଛି । ଏହି ଗିରଫ ସଂଖ୍ୟା ୭୪ରେ **(ପୃଷ୍ଠା-୭)**

ଠିକା କାମକୁ ନେଇ ଗୁଳିମାଡ, ଜଣେ ଗିରଫ

୯ ଏମ୍‌ଏମ୍ ପିସ୍ତଲ ଓ ଏକ ଜୀବନ୍ତ ଗୁଳି ଜବତ

ପୁରୀ, ୧୪।୧୦ (ସକାଳ ଖବର): ଗତ କାଲି ବିଳମ୍ବିତ ରାତିରେ ଗୁଳିମାଡ଼ ଘଟଣାରେ ରବିବାର ଦିନ ସମୁଦ୍ରକୂଳ ଥାନା ପୋଲିସ ଜଣକୁ ଗିରଫ କରିବା ସହ ଏକ ପିସ୍ତଲ, ଜୀବନ୍ତ ଗୁଳି ଓ ଖୋକା ଜବତ କରିଛି। ଅଭିଯୁକ୍ତ ଜଣକ ହେଲେ ମହମ୍ମଦ ସାମ ସୁଦୀନ। ପୋଲିସ ସୂଚନାନୁଯାୟୀ ଶନିବାର ବିଳମ୍ବିତ ରାତିରେ ଅର୍ବାନହାଟ ନିକଟରେ ମହମ୍ମଦ ଏକ ଠିକା କାମକୁ ନେଇ ଜଣେ ଯୁବକଙ୍କ ସହ ଗଣ୍ଡଗୋଳ ଘଟିଥିଲା। ପରେ ମହମ୍ମଦ ଉକ୍ତ ଯୁବକକୁ ୯ ଏମଏମ ପିସ୍ତଲ ରେ ଗୁଳିମାଡ କରିଥିଲେ। କିନ୍ତୁ ଯୁବକ ଦୌଡି ପଳାଇବାରୁ ଗୁଳିଟି ବାଜିନଥିଲା। ଏ ନେଇ ସ୍ଥାନୀୟ ଲୋକମାନେ ପୋଲିସକୁ ଖବର ଦେଇଥିଲେ। ସମୁଦ୍ରକୂଳ ଥାନା ଅଧିକାରୀ ବିଶ୍ୱ ରଞ୍ଜନ ସେନାପତି ଘଟଣାସ୍ଥଳରେ ପହଞ୍ଚି ଖୋକା ଜବତ କରିଥିଲେ। ଏହାପରେ ଅଭିଯୁକ୍ତ କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ନାକାବନ୍ଦୀ କରିଥିଲେ। ସ୍ୱେଶାଲ ସ୍କ୍ୱାର୍ଡର କିଛୀ ପୋଲିସ ରବିବାର ସକାଳୁ ମହମ୍ମଦକୁ ଧରିଥିଲେ। ତା ନିକଟରୁ ୯ ଏମଏମ ପିସ୍ତଲ ଓ ଏକ ଜୀବନ୍ତ ଗୁଳି ଜବତ କରି ଗିରଫ କରିଥିଲା।

‘ବନ୍ୟା ସ୍ଥିତିରେ ସୁଧାର ଆସିଛି’

ଭୁବନେଶ୍ୱର,୧୪।୧୦ (ସକାଳ ଖବର): ବାତ୍ୟା ଓ ପରବର୍ତୀ ବନ୍ୟା ପ୍ରଭାବିତ ଅଂଚଳରେ ପୁନରୁଦ୍ଧାର କାର୍ଯ୍ୟକୁ ତଦାରଖ କରିବାପାଇଁ ବିଭାଗୀୟ ମୁଖ୍ୟମାନଙ୍କୁ ପଠାଇବାକୁ ନିଷ୍ପତି ହୋଇଛି। ମୁଖ୍ୟ ଶାସନ ସଚିବ ଶ୍ରୀ ଆଦିତ୍ୟ ପ୍ରସାଦ ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ଏହି ନିଷ୍ପତି ହୋଇଛି ବୋଲି ସ୍ୱତନ୍ତ୍ର ରିଲିଫ୍ କମିଶନର ବିଷ୍ଣୁପଦ ସେଠୀ ପ୍ରକାଶ କରିଛନ୍ତି। ଗଂଜାମ ଓ ଗଜପତି ଜିଲ୍ଲାରେ ବନ୍ୟା ପରିସ୍ଥିତିରେ ସୁଧାର ଆସିଛି। ଗତ ୨୪ ଘଂଟା ମଧ୍ୟରେ ବର୍ଷା ହୋଇ ନଥିବାରୁ ଗଂଜାମ, ଗଜପତି, ରାୟଗଡାରେ ବନ୍ୟା ସ୍ଥିତି ସ୍ୱାଭାବିକ ରହିଛି। ଫସଲ କ୍ଷୟକ୍ଷତି ସମ୍ପର୍କରେ ଆକଳନ ଆରମ୍ଭ ହୋଇଛି। ଆକଳନ ପରେ କ୍ଷତିପୂରଣ ପ୍ରଦାନ ପାଇଁ ପଦକ୍ଷେପ ନିଆଯିବ। ଧାନ, କପା ଓ କାନ୍ଦୁଲ ଚାଷ ବିଶେଷ ଭାବେ କ୍ଷତିଗ୍ରସ୍ତ ହୋଇଛି। ୧୫ ଦିନର ରିଲିଫ ଟଙ୍କା କ୍ଷତିଗ୍ରସ୍ତ ଲୋକଙ୍କ ଆକାଉଂଟକୁ ପଠାଯିବା ସଂଧ୍ୟା ସୁଦ୍ଧା ରିଲିଫ୍ କ୍ୟାମ୍ପ ଗୁଡିକୁ ବନ୍ଦ କରାଯିବ। ଗଜପତି ଜିଲ୍ଲାକୁ ଅଧିକ ସଂଧ୍ୟାରେ ଓଡ୍ରାଫ୍ ଓ ଏନଡିଆରଏଫ୍ ଟିମ୍ ପଠାଯାଇଛି। ବାଲେଶ୍ୱର ଜିଲ୍ଲାରେ ନଦୀ ଗୁଡିକର ଜଳ ପତନ ହ୍ରାସ ପାଇବା ଆରମ୍ଭ କରିଛି ବୋଲି ସେ କହିଛନ୍ତି।



ଦାନୀ ଦାନ ଦିଏ ଏବଂ ଭବିଷ୍ୟତ ସୁନ୍ଦର ପାଇଁ ରାସ୍ତା ତିଆରି କରେ

ହୁଣ୍ଡିର ଆୟ (୭.୧୦.୧୮)
୩,୧୨,୧୮୦

ଚକଡା ଚିନ୍ତା

ଶହ ଶହ ଏକର ଫସଲ କ୍ଷତିଗ୍ରସ୍ତ

ନବରଙ୍ଗପୁର, ୧୪।୧୦ (ସକାଳ ଖବର): ନବରଙ୍ଗପୁର ଜିଲ୍ଲାରେ ଏବେ ଚକଡା ଆତଙ୍କ । ଚକଡା ପୋକ ଲାଗି ନଷ୍ଟ ହୋଇଯାଇଛି ଶହ ଶହ ଏକର ଧାନ ଫସଲ । କ୍ଷତିଗ୍ରସ୍ତ ଚାଷୀ ସ୍ଥାନୀୟ ବିଡିଓଙ୍କ ଠାରୁ ଆରମ୍ଭ କରି କୃଷି ବିଭାଗର ଅଧିକାରୀଙ୍କୁ ଜଣାଇଛନ୍ତି । କିନ୍ତୁ ଫଳ ଶୁନ । କୌଣସି ସରକାରୀ ଅଧିକାରୀ ଏଯାଏ ସେମାନଙ୍କ ନିକଟକୁ ଯାଇନଥିବା ଅଭିଯୋଗ ହୋଇଛି । ଚାଷୀଙ୍କ ନିଦ ହଜେଇ ଦେଇଛି ଚକଡା । ଚକଡା ପୋକ ଲାଗି ଶହ ଶହ ଏକର ଫସଲ ନଷ୍ଟ । ଏ ଘଟଣା ହେଉଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ବାମୁଣି ଗ୍ରାମର । କରଜ ଲାଗି ମୁଣ୍ଡ ଝାଳ ତୁଣ୍ଡରେ ମାରି ଧାନଚାଷ କରିଥିଲେ ଚାଷୀ । ହେଲେ ଫସଲ ଅମଳ ହେବା ପୂର୍ବରୁ ଚାଷୀ ହତାସ । ଚକଡା ପୋକ ଲାଗି ଧାନ ଗଛ ମରିଯାଇଛି । ସୁନାର ଫସଲ ମାଟିରେ ମିଶିଯାଇଛି । ଚାଷଜମିରେ ଏଭଳି ଘଟଣା ଚାଷୀଙ୍କୁ ହତାସ କରିଛି । ଧାନଗଛରେ ପୋକ ଲାଗିବା ଆରମ୍ଭ ହେବା ସମୟରେ ଚାଷୀମାନେ ସ୍ଥାନିୟ କୃଷି ଅଧିକାରୀ, ଗ୍ରାମ ସେବକ, ବିଡିଓ ଏବଂ ଜିଲ୍ଲା ପ୍ରଶାସନକୁ ବାରମ୍ବାର ଅବଗତ କରାଇଥିଲେ । ହେଲେ କୌଣସି ସହଯୋଗ ମିଳିନଥିଲା । ଚକଡା ଦାଉରୁ ରକ୍ଷା ପାଇବା ପାଇଁ ଔଷଧ ବ୍ୟବହାର କରିଥିଲେ ମଧ କାମ ଦେଲାନି । ନଷ୍ଟ ହେଲା ଫସଲ । ସେପଟେ କୃଷି ଅଧିକାରୀ କହିଛନ୍ତି ଚାଷୀମାନଙ୍କୁ ସମସ୍ତ ସହାୟତା ଓ ସହଯୋଗ ଯୋଗାଇ ଦିଆଯିବ । ଉପାନ୍ତ ଅଂଚଳର ଏହି ଚାଷୀ ଏବେ ସରକାରୀ ସହାୟତାକୁ ଅନାଇ ବସିଛନ୍ତି ।

ପୋଲିସ ରିମାଣ୍ଡରେ ନକଲି ଆଇଏଏସ ଅଫିସର

ମାଲକାନଗିରି, ୧୪।୧୦ (ସକାଳ ଖବର): ନିଜକୁ ନକଲି ଆଇଏଏସ ଅଫିସର ପରିଚୟ ଦେଇ ଲୋକଙ୍କୁ ଠକିଥିବା ଓ ଜନୈକା ଯୁବତୀଙ୍କୁ ପ୍ରେମ ଜାଲରେ ଫସାଇ ବିବାହ କରିବା ମାମଲାରେ ଗିରଫ ହୋଇ ବାରିପଦାରେ ବିଚାର ବିଭାଗୀୟ ହାଜତରେ ଥିବା ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଅନ୍ତର୍ଗତ ବଉଳପାଳ ଗ୍ରାମର ରଜତ କୁମାର ପଣ୍ଡା (୩୨)ଙ୍କୁ ଗତକାଲି ଠାରୁ ମାଲକାନଗିରି ପୋଲିସ ଦୁଇ ଦିନିଆ ରିମାଣ୍ଡରେ ଆଣିଛି । ମାଲକାନଗିରି ଜିଲ୍ଲାରେ ସେ କୌଣସି ଠକେଇ କରିଛନ୍ତି କି ନାହିଁ ପୋଲିସ ସେନେଇ ତାଙ୍କୁ ପଚରା ଉଚୁରା ଚଳାଇଛି । ଘଟଣାରୁ ପ୍ରକାଶ ଯେ, ରଜତ ନିଜକୁ ମାଲକାନଗିରି ଜିଲ୍ଲାର ଉପଜିଲ୍ଲାପାଳ ଲିଙ୍ଗରାଜ ପଣ୍ଡା ଦର୍ଶାଇ ଫେସବୁକ୍ ରେ ଫେକ୍ ଏକାଉଂଟ ଖୋଲି ବିଭିନ୍ନ ମିଥ୍ୟା ପ୍ରଲୋଭନ ଦେଖାଇ ଲୋକଙ୍କୁ ଠକେଇ ଓ ପ୍ରେମ ଜାଲରେ ଜନୈକା ଯୁବତୀଙ୍କୁ ଫସାଇ ବିବାହ କରିଥିଲେ । ଯୁବତୀ ଜଣକ ଏ ସମ୍ପର୍କରେ ଜାଣିବା ପରେ ବାରିପଦା ଟାଉନ୍ ଥାନାରେ ଅଭିଯୋଗ କରିଥିଲେ । ବାରିପଦା ଟାଉନ ଥାନା ପୋଲିସ ଏ ସଂକ୍ରାନ୍ତରେ ୨୩୨/୧୮ ରେ ଭାରତୀୟ ପିଙ୍ଗଳ କୋଡ୍ ର ଦଫା ୪୧୭/ ୪୧୯/ ୪୨୦/୪୬୮ ଆର.ଡବ୍ଲ୍ୟୁ. ସେକ୍ସନ ୬୬ (ସି)(ଡି) ବଳରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା । ଅନୁରୂପ ଭାବେ ନିଜ ନାମରେ ଫେକ୍ ଏକାଉଂଟ ଖୋଲାଯାଇଥିବା ସମ୍ପର୍କରେ ଜାଣିବା ପରେ ପୂର୍ବତନ ଉପଜିଲ୍ଲାପାଳ ତଥା ବର୍ତମାନର ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ଲିଙ୍ଗରାଜ ପଣ୍ଡା ଗତ ୬.୩.୨୦୧୮ ରେ ମାଲକାନଗିରି ଥାନାରେ ଏତଲା କରିଥିଲେ । ଏତଲାକୁ ଭିତି କରି ପୋଲିସ ୪୩/୧୮ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା । ଶେଷରେ ବାରିପଦା ପୋଲିସ ୨୬.୯. ୨୦୧୮ ରେ ଅଭିଯୁକ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା । ମାଲକାନଗିରି ପୋଲିସ ପକ୍ଷରୁ ଅଭିଯୁକ୍ତ ରଜତକୁ ରିମାଣ୍ଡରେ ନେବା ପାଇଁ ଗତ ସେପ୍ଟେମ୍ବର ୨୯ ତାରିଖରେ ଏସଡିଜେଏମ୍ କୋର୍ଟରେ ଆବେଦନ ହୋଇଥିଲା । ତଦନ୍ତର ଗୁରୁତ୍ୱକୁ ଦୃଷ୍ଟରେ ରଖି କୋର୍ଟ ଏହାକୁ ମଞ୍ଜୁରୀ ପ୍ରଦାନ କରିଥିଲେ ।

Printed by Amit Kumar Mallick, Published by Amit Kumar Mallick & Owned by Amit Kumar Mallick, At-Apartibindha, Bhadrak, Pin-756100, Printed at Press Mahesh Printing Press, 30 Industrial Colony, Kharavela Nagar, Bhubaneswar, Pin-751001, (O), E-mail address : thesakala@hotmail.com, thesakal0@gmail.com

Editor - Amit Kumar Mallick